# Akashvani, Sambalpur

## SAMBALPURI NEWS BULLETIN

### 27 November 2024- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା          ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଶୁକ୍ରବାର୍ ଦିନ ଉପର୍‌ବେଲା ୩ ଦିନିଆ ଓଡ଼ିଶା ଗସ୍ତ ନ ଆଏବେ ବଲି ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ସୂଚ୍‌ନା ଦେଇଛନ୍ । ଶ୍ରୀ ସାମଲ୍  କହିଛନ୍ ପ୍ରଧାନ୍‌ମନ୍ତ୍ରୀ ଉପର୍‌ବେଲା ୪ ବାଜିକରି ୧୫ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିଲା ଉତ୍‌ରୁ ଗୁଟେ ସାଧାରଣ ସଭାକେ ସମ୍ବୋଧନ୍ କର୍‌ବେ । ସେନୁ ରାଜ୍‌ଭବନ୍‌ତକ୍ ପ୍ରଧାନ୍‌ମନ୍ତ୍ରୀ ରୋଡ୍ ସୋ କର୍‌ଲା ଉତ୍‌ରୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ନ ଦଲୀୟ କର୍ମକର୍ତାମାନ୍‌କର୍ ସାଙ୍ଗେ ବୈଠକ୍ କର୍‌ବେ । ବୈଠକ୍‌ଥି ଦଲର୍ ସାଂସଦ୍, ମନ୍ତ୍ରୀ, ବିଧାୟକ୍ ଆର୍ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ୍ ରହେବେ ବଲି ଶ୍ରୀ ସାମଲ୍ ସୂଚ୍‌ନା ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୩୦ ଆର୍ ଡିସେମ୍ବର୍ ୧ ତାରିଖ୍ ୨ ଦିନ୍ ଧରିକରି ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବାର୍ ପୁଲିସ୍

ମହାନିର୍ଦ୍ଦେଶକ୍ ସମ୍ମିଲନୀଥି ପ୍ରଧାନ୍‌ମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଖରିଫ୍ ଧାନ୍ ଘିନା            ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଚଲ୍‌ତି ଖରିଫ୍ ଋତୁର୍ ଧାନ୍ ଘିନା ଚାଲିଛେ । କେହେନି ଯୋଗ୍ୟ ଚାଷୀ ଯେନ୍ତା ଧାନ୍ ଘିନା ପ୍ରକ୍ରିୟାନୁ ଅଲଗ୍ ନାଇଁ ହୁଅନ୍, ସେଥିର୍‌ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ମାନ୍ ନେଇଛନ୍ । ଗଲା ୨୦ ତାରିଖ୍‌ନୁ ବର୍‌ଗଡ଼୍ ଜିଲ୍ଲା ନ ଧାନ୍ ଘିନା ମୁଲ୍ ହେଇଥିବାର୍ ବେଲେ ଏଛେନ୍‌କା ବର୍‌ଗଡ଼୍, ନୂଆପଡ଼ା ଆର୍ ସମ୍ବଲ୍‌ପୁର୍ ଜିଲ୍ଲା ନ ସର୍‌କାରୀ ଭାବେ ଧାନ୍ ଘିନା ହେଉଛେ । ଗଲାବଛର୍‌ଠାନୁ ଇ ତିନ୍‌ହି ଜିଲ୍ଲାଥି ଏବ୍‌ତକ୍ ୩୦ ପ୍ରତିଶତ୍‌ନୁ ଅଏତ୍‌କା ଚାଷୀ ଧାନ୍ ଘିନାଥି ଭାଗ୍ ନେଇଛନ୍ ଆର୍ ହେତାର୍ ସଙ୍ଗେ ପାଖାପାଖି ୮ ପ୍ରତିଶତ୍ ଅଏତ୍‌କା ଧାନ୍ ଘିନାଯାଇଛେ । ଚାଷୀମାନ୍‌କର୍ ବେଙ୍କ୍ ଖାତାକେ ସିଧାସଲଖ୍ ନିମ୍ନତମ ସହାୟତା ରାଶି ଏମ୍‌ଏସ୍‌ପି ଦିଆଯାଉଛେ । ଅଏତ୍‌କାନୁ ଅଏତ୍‌କା ଚାଷୀ ଯେନ୍ତା ଧାନ୍ ଘିନାଥି ସାମିଲ୍ ହେଇପାର୍‌ବେ ହେଥିର୍‌ଲାଗି ଆଗ୍‌ପତି ଟୋକନ୍ ଦିଆଯାଉଛେ ବଲି ସର୍‌କାରୀ ଭାବେ କୁହାଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ            ଆର୍‌ଏନ୍‌ୟୁ / ସମ୍ବଲପୁର

ପୁର୍ଥିର୍ ଶ୍ରେଷ୍ଠ ବିଶ୍ୱବିଦ୍ୟାଲୟମାନ୍‌କର୍ ଲାଗି ଭାରତ୍ ଗୁଟେ ନୂଆଁ ଠିକ୍‌ନା ହେଇଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଗଲାକାଏଲ୍ ମାଲ୍‌ଡୋଭାର୍ ଶିକ୍ଷା ଆର୍ ଗବେଷଣା ମନ୍ତ୍ରୀ ଡାନ୍ ପର୍ଶିଉନ୍‌ଙ୍କର୍ ସଙ୍ଗେ ଆଲୋଚନା ଉତ୍‌ରୁ ମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇଟା କହେବାର୍ ସଙ୍ଗେ ଦୁହି ଦେଶ୍‌ର ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଶୈକ୍ଷିକ ଆର୍ ଗବେଷଣାର ସହଯୋଗ୍‌କେ ମଜ୍‌ବୁତ୍ କରାଯିବା ବଲି କହିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ-ବିଧାନ୍‌ସଭା ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍‌କାର୍ ରାଜ୍ୟର୍ ବର୍‌ଗଡ୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ଅନୁଗୁଲ୍ ଆର୍ ଗଜପତି ଜିଲ୍ଲାକେ ଜଳକ୍ଲିଷ୍ଟ ଜିଲ୍ଲା ଭାବେ ଚିହ୍ନଟ୍ କରିଛନ୍ ବଲି ପଂଚାୟତିରାଜ୍ ଆଉ ପାନୀୟଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ବିଧାନ୍‌ସଭାଥି ଗୁଟେ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ସେ କହିଛନ୍, କେନ୍ଦ୍ର ସର୍‌କାର୍ ଚିହ୍ନଟ୍ କରିଥିବା ୫ ଟା ଜଳକ୍ଲିଷ୍ଟ ଜିଲ୍ଲା ସହେତେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ଗାଁ ଇଲାକାର୍ ଲୁକ୍‌କୁ ପିଇବାର୍ ପାଏନ୍ ଯୁଗେଇ ଦେବାର୍‌କେ ଖୋବ୍‌ଟେ ବ୍ୟବସ୍ଥା କରାଯାଇଛେ । ଭିନ୍ ଭିନ୍ ଜାଗା ନ ପାଇପ୍‌ଥି ପାଏନ୍ ଯୁଗାବାର୍‌କେ ପ୍ରକଳ୍ପ ତିଆର୍ କରାଯିବାର୍

ସଙ୍ଗେ ନଲ୍‌କୂଆଁ ଆର୍ କୂଆଁ କରାଯାଇଛେ ବଲି ମନ୍ତ୍ରୀ ତାକର୍ ଉତରଥି କହିଛନ୍ ।

ପିଏମ୍‌ଏୱାଇ-ପଂଚାୟତିରାଜ୍ ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ପ୍ରଧାନ୍‌ମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜ୍‌ନା ଲାଗି ଖୋବ୍ ଜଲ୍‌ଦି ନୂଆଁ ସର୍ଭେ ହେବା ଆଉ ସର୍ଭେ ସଲା ଉତ୍‌ରୁ ଯୋଗ୍ୟ ପରିବାର୍ ମାନ୍‌କୁ ଘର୍ ମିଲ୍‌ବା । ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ସେ କହିଛନ୍ ଯେ, ସର୍ଭେର୍ ଲାଗି ନୂଆଁ ଗାଇଡ୍‌ଲାଇନ୍ ଆଏବା । ସେଥି ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ୍ କରାଯିବା ଆର୍ ଅଯୋଗ୍ୟ ମାନ୍‌କୁ କଟାଯିବା । ଭିନେ ହେଇଥିବା ପରିବାର୍ ମାନ୍‌କୁ ଭିଲ୍ ଅଲ୍‌ଗା ଘର୍ ମିଲିପାର୍‌ବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନା ଜରିଏ ଆଏବା ୫ ବଛର୍ ଭିତ୍‌ରେ ରାଏଜେ ଗୁରସ୍ ଉତ୍ପାଦନ୍ ଦୁଇଗୁନ୍ କର୍‌ବାର୍‌କେ ଲକ୍ଷ୍ୟ

ରଖାଯାଇଛେ ବଲି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ଗଲାକାଏଲ୍ ହେଇଥିବା ରାଜ୍ୟସ୍ତରୀୟ ଜାତୀୟ ଗୁରସ ଦିବସ୍ ସମାରୋହଥି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ଯେ, ରାଏଜେ ଗୁରସ ଉତ୍ପାଦନ୍‌ର ଖୋବ୍‌ଟେ ସମ୍ଭାବନା ଅଛେ । ହେଲେ ରାଏଜେ ମୁଡ଼୍‌ପିଛା ୩ ଶହ ମିଲିଲିଟର୍ ଗରସ୍ ଦର୍‌କାର୍ ଥିବାର୍ ବେଲେ ମାତର୍‌କ ଦିନକ ଶହେ ୬୦ ମିଲିଲିଟର୍ ଗୁରସ୍ ଉତ୍ପାଦନ୍ ହେଉଛେ । ଗୁରସ ଉତ୍ପାଦନ୍ ବଢ଼ାବାର୍‌କେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ୍ ଯୋଜ୍‌ନାଥି ଗାଏ ଫାର୍ମ ଆର୍ ଦୁଗ୍ଧ ପ୍ରକ୍ରିୟାକରଣ୍ ୟୁନିଟ୍ ଥାପ୍‌ନାର୍ ଲାଗି ୧ କୋଟି ଟଙ୍କାତକ୍ ଆର୍ଥିକ୍ ସାହାଜ୍ ଦିଆଯାଉଛେ ବଲି ମନ୍ତ୍ରୀ କହିଛନ୍ ।

ସେଆଡ଼େ ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ବ୍ଲକ୍‌ର କାନ୍‌ପୁର୍ ଗାଁର୍ ଚାଷୀ ଭାସ୍କର ପ୍ରଧାନ୍ ଗୋପାଲନ୍ ଲାଗି କୃତିମ ପ୍ରଜନନ ଦିଗେ ସଫଲତା ପାଇଥିବାର୍‌ନୁ ସର୍ବଭାରତୀୟ ସ୍ତର ନ ପହେଲା ଠାନ୍ ଅଧିକାର୍ କରିକରି ଜାତୀୟ ଗୋପାଲରତ୍ନ ସମ୍ମାନ୍‌ଥି ସମ୍ମାନିତ୍ ହେଇଛନ୍ ।

ନଗର୍ ଉନ୍ନୟନ୍ ମନ୍ତ୍ରୀ -ବିଧାନ୍‌ସଭା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ନଗର ଉନ୍ନୟନ୍ ବିଭାଗ୍ର ଆଉଟ୍ସୋର୍ସିଂ କର୍ମଚାରୀମାନ୍କର୍ ନିଯୁକ୍ତି ସମିଆ ନବୀକରଣ୍ କର୍ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ବିଧାନ୍ସଭା ନ ବିଧାୟକ୍ ଟଙ୍କଧର ତ୍ରିପାଠୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ଥି ମନ୍ତ୍ରୀ କହିଛନ୍ ଯେ, ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ନ ଭିନ୍ ଭିନ୍ ଯୋଜ୍ନାଥି କାମ୍ କରୁଥିବା ଆଉଟ୍ସୋର୍ସିଂ କର୍ମଚାରୀମାନ୍କର୍ ନିଯୁକ୍ତି ସମିଆ ଗଲା ସେପ୍ଟେମ୍ବର୍ ମାସ୍ଠୁ ସରିଯାଇଛେ । ଆର୍ କେତେ କର୍ମଚାରୀଙ୍କର୍ ନିଯୁକ୍ତି ସମିଆ ଆଏବା ବଛର୍ ଜୁନ୍ ମାସ୍ତକ୍ ଅଛେ ହେଲେ ଇ କର୍ମଚାରୀମାନ୍କର୍ ନିଯୁକ୍ତିର୍ ନବୀକରଣ୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ ଡାକ୍ତର୍ ମହାପାତ୍ର ତାଙ୍କର୍ ଉତର୍ଥି କହିଛନ୍ ।

ସମ୍ବିଧାନ୍ ଦିବସ୍- କଏଦୀ ଛାଡ୍ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ଜେଲ୍ମାନ୍କୁ ଆଜୀବନ୍ ସଜା କାଟୁଥିବା ୧୪ ଝନ୍ କଏଦୀଙ୍କୁ ସମ୍ବିଧାନ୍ ଦିବସ୍ ଅବ୍ସରେ ଛାଡ୍ କରାଯାଇଛେ । ହତ୍ୟା, ଦୁଷ୍କର୍ମ, ଡକାୟତି ବାଗିର୍ ସଂଗୀନ୍ ଅଭିଯୋଗ୍ଥି ଆଜୀବନ୍ ସଜା କାଟୁଥିବା କଏଦୀମାନ୍କୁ ଜେଲ୍ଥି ସେମାନ୍କର୍

ଆଚାର୍ ବେଭାର୍‌କେ ଦେଖିକରି ଜେଲ୍ ବିଭାଗ୍‌ର ସେଂଟେସ୍ ରିଭ୍ୟୁ କମିଟିର୍ ସୁପାରିଶ୍ ଅନ୍‌ସାରେ ଇ ପଦକ୍ଷେପ୍ ନିଆଯାଇଛେ । ସେନ୍ତା ଭାରତୀୟ ନ୍ୟାୟ ସଂହିତା ୪ ଶହ ୭୯ ଦଫାଥି ଜେଲ୍ ନ ଥିବା ୧୦ ଝନ୍ ବିଚାରାଧୀନ କଏଦୀଙ୍କୁ ଭିଲ୍ ଜାମିନ୍ ଦିଆଯାଇଛେ ।